

ପୁରୁଷାର୍ଥ ହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।
- ଶଙ୍କରାଚାର୍ଯ୍ୟ



# କାର୍ଯ୍ୟକ୍ଷମ ସତ୍ତ୍ୱେ ଚାଷଜମିକୁ ମାଡୁନି ଜଳ

ପବନ ପାଣିଗ୍ରାହୀ
ଜୟପୁର,୧୦।୧୦

**ତେଲେଙ୍ଗିରି ପ୍ରକଳ୍ପ**
- ୯୯୫୨ ହେକ୍ଟର ଚାଷଜମିକୁ ଜଳସେଚନ ଲକ୍ଷ୍ୟ ଥିଲା
- ୮୫୦୦ ହେକ୍ଟର ଜମିକୁ କେନାଲ ସଂଯୋଗ ସରିଛି
- ବିସିଂପୁର ଅଞ୍ଚଳରେ ଜମି ଅଧିଗ୍ରହଣ ସମସ୍ୟା
- ବଳକା ୧୪୫୨ ହେକ୍ଟର ଜମିକୁ ହୋଇପାରୁନି କେନାଲ ସଂଯୋଗ
- ରବିଋତୁରେ ସମସ୍ତ ଚାଷଜମିକୁ ପାଣି ମାଡ଼ିବ: ଜଳସେଚନ ଅଧିକାରୀ



ତେଲେଙ୍ଗିରି ପ୍ରକଳ୍ପ ହେବ ଆଉ ହଜାର ହଜାର ହେକ୍ଟର ଚାଷଜମିକୁ ପାଣି ମାଡ଼ିବ। ଫସଲ ଦୁଇଗୁଣା ହେବ। ଚାଷୀଙ୍କ ମୁହଁରେ ହସ ଫୁଟିବ। ଏହି ଉଦ୍ଦେଶ୍ୟ ରଖି କୋରାପୁଟ ଜିଲାରେ ୨୦୦୫ରେ ତେଲେଙ୍ଗିର ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। କିନ୍ତୁ ପ୍ରକଳ୍ପ ଶୁଭାରମ୍ଭ ସହ ଏହା କାର୍ଯ୍ୟକ୍ଷମ ହେବାକୁ ଲାଗିଗଲା ୧୪ ବର୍ଷ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଏହି ଅଧପନ୍ତରିଆ ପ୍ରକଳ୍ପକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ। ୧୪ ବର୍ଷ ପରେ ବହୁ ପ୍ରତୀକ୍ଷିତ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲା ସତ; କିନ୍ତୁ ଏଯାବତ୍ ଲକ୍ଷ୍ୟଧାର୍ଯ୍ୟ ଚାଷଜମିକୁ ଜଳ ପହଞ୍ଚି ପାରିନାହିଁ।

କୋରାପୁଟ ଜିଲାର ଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର ୨୦୦୫ରେ ଜୟପୁର ବ୍ଲକ ଅନ୍ତର୍ଗତ ରାଣୀଗଡ଼ଠାରେ ତେଲେଙ୍ଗିର ପ୍ରକଳ୍ପର ଭିତ୍ତି ପକାଇଥିଲେ। ପ୍ରଥମେ ୨ ଶହ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ଏହି ପ୍ରକଳ୍ପ ନିର୍ମାଣ ସରିବା ବେଳକୁ ଏହାର ଖର୍ଚ୍ଚ ୧୨ ଶହ କୋଟିରେ ପହଞ୍ଚିଥିଲା। ପ୍ରକଳ୍ପ ଦ୍ୱାରା ୯୯୫୨ ହେକ୍ଟର ଚାଷଜମି ପାଇଁ ଜଳସେଚନ ଲକ୍ଷ୍ୟ ରଖାଯାଇଥିଲା। ଏଥିରୁ ଜୟପୁର ବ୍ଲକର ୬୨୮ ହେକ୍ଟର ଏବଂ ବୋରିଗୁମ୍ମା ବ୍ଲକର ୯୩୨୨ ହେକ୍ଟର ଚାଷଜମିରେ ଜଳସେଚନ ହେବା କଥା। କିନ୍ତୁ ଦୀର୍ଘ ୧୪ ବର୍ଷ ପରେ ଏହି ଅପେକ୍ଷିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲା ସତ; କିନ୍ତୁ ଚାଷୀଙ୍କ ବହୁ ପ୍ରତୀକ୍ଷାର ଅନ୍ତ ଭଲରେ ହେଲାନାହିଁ। ଏଯାବତ୍ ଜମିକୁ ପାଣି ପହଞ୍ଚି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଚାଲିଛି। ବୋରିଗୁମ୍ମା ବ୍ଲକର ବିସିଂପୁର ଅଞ୍ଚଳରେ ଥିବା ଜମିରେ ଜଳ ମାଡୁ ନ ଥିବାରୁ ଶତାଧିକ ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ତେଲେଙ୍ଗିର ପ୍ରକଳ୍ପ ମାଧ୍ୟମରେ ୯୯୫୨ ହେକ୍ଟର ଚାଷଜମିକୁ କେନାଲ ମାଧ୍ୟମରେ ଜଳସେଚନ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ଏଥିରୁ ୮୫୦୦ ହେକ୍ଟର ଜମିକୁ କେନାଲ ସଂଯୋଗ କାର୍ଯ୍ୟ ସରିଛି। ବିସିଂପୁର ଅଞ୍ଚଳରେ କିଛି ଜମି ଅଧିଗ୍ରହଣରେ ସମସ୍ୟା ହେଉଥିବାରୁ ବଳକା ୧୪୫୨ ହେକ୍ଟର ଚାଷଜମିକୁ କେନାଲ ସଂଯୋଗ ହୋଇପାରୁନାହିଁ। ଅତିଶୀଘ୍ର ଏହାର ସମାଧାନ କରି ଆସନ୍ତା ରବିଋତୁରେ ସମସ୍ତ ଚାଷଜମିକୁ ଜଳସେଚନ କରାଯିବ ବୋଲି ଜଳସେଚନ ଅଧିକାରୀ ଅରୁଣ ସେଠୀ ପ୍ରକାଶ କରିଛନ୍ତି। ଚାଷୀଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଜିଲାପାଳ ମଧୁସୂଦନ ମିଶ୍ର ତୁରନ୍ତ ଏହାର ସମାଧାନ କରିବା ପାଇଁ ଜଳସେଚନ ବିଭାଗ ଓ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ସଂକ୍ଷେପରେ**

## ୧୫ରେ ରାଜ୍ୟସ୍ତରୀୟ ନିଯୁକ୍ତିମେଳା



କୋରାପୁଟ,୧୦।୧୦(ସ୍ୱ.ପ୍ର.): ଅକ୍ଟୋବର ୧୫ରେ ଏୟାରଫୋର୍ସରେ ନିଯୁକ୍ତି ପାଇଁ ରାଜ୍ୟସ୍ତରୀୟ ଚୟନ ଶିବିର କୋରାପୁଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ଅପରାହ୍ନରେ ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଡିଏମ ଦେବେନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଅକ୍ଟୋବର ୧୫ରୁ ୧୯ ତାରିଖ ଯାଏ ଏୟାରଫୋର୍ସର ଗ୍ରୁପ୍-ୱାଇ ପଦବୀ ପାଇଁ ଏହି ନିଯୁକ୍ତି ମେଳା ଆୟୋଜନ କରାଯାଉଛି। ରାଜ୍ୟର ସମସ୍ତ ୩୦ ଜିଲାର ଶତାଧିକ ପ୍ରାର୍ଥୀ ଚୟନ ଶିବିରରେ ଅଂଶଗ୍ରହଣ କରିବେ। ୧୬ ଓ ୧୭ ତାରିଖରେ ଅନୁଗୁଳ, ଭଦ୍ରକ, ଜଗତସିଂହପୁର, ବରଗଡ଼, ବଲାଙ୍ଗିର, ବୌଦ୍ଧ, ଝାରସୁଗୁଡ଼ା, କଟକ, ନୟାଗଡ଼, ଯାଜପୁର, ଖୋର୍ଦ୍ଧା, ମୟୂରଭଞ୍ଜ, ବାଲେଶ୍ୱର, ସୋନପୁର ଓ ସୁନ୍ଦରଗଡ଼ ଭଳି ୧୫ଟି ଜିଲାର ପ୍ରାର୍ଥୀଙ୍କ ପାଇଁ ଶାରୀରିକ ଯୋଗ୍ୟତା ପରୀକ୍ଷା, ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। ୧୮ ଓ ୧୯ରେ ଢେଙ୍କାନାଳ, ଗଜପତି, ଗଞ୍ଜାମ, କନ୍ଧମାଳ, କେନ୍ଦ୍ରାପଡ଼ା, କଳାହାଣ୍ଡି, ମାଲକାନଗିରି, ନୂଆପଡ଼ା, ନବରଙ୍ଗପୁର, କେଓଁଝର, କୋରାପୁଟ, ପୁରୀ, ଦେବଗଡ଼, ରାୟଗଡ଼ା, ସମ୍ବଲପୁର ଭଳି ୧୫ଟି ଜିଲାର ପ୍ରାର୍ଥୀଙ୍କ ପାଇଁ ଉଭୟ ଶାରୀରିକ ଓ ଲିଖିତ ପରୀକ୍ଷା କରାଯିବା ପାଇଁ ସ୍ଥିର ହୋଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପି. ଟୋଲି ଆମ୍ମା, ଜିଲା କର୍ମ ନିୟୋଜନ ଅଧିକାରୀ କାହ୍ନୁଚରଣ ବେହେରା ଉପସ୍ଥିତ ଥିଲେ।

## ଶିରିଡ଼ି ସାଇଙ୍କ ପୁଣ୍ୟତିଥି ପାଳିତ

ଦାମନଯୋଡ଼ି,୧୦।୧୦(ସ୍ୱ.ପ୍ର.): ଶିରିଡ଼ି ସାଇ ପରିବାର ପକ୍ଷରୁ ଶିରିଡ଼ି ସାଇଙ୍କ ପୁଣ୍ୟତିଥି ପାଳିତ ହୋଇଛି। ସକାଳେ ମହାଅଭିଷେକ, ଷୋଡ଼ଶ ଉପଚାର ପୂଜା ସହ ବିଷ୍ଣୁସହସ୍ର ଓ ସାଇ ଅଷ୍ଟୋତ୍ତର ନାମରେ ଆହୂତି ଦିଆଯାଇଥିଲା। ଅପରାହ୍ନରେ ବାବାଙ୍କୁ ଏକ ସୁସଜ୍ଜିତ ପାଲିଙ୍କିରେ ଟାଉନଶିପ୍‌ର ସେକ୍ଟର-୩ ଓ ୪ରେ ନଗର ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ଦ୍ୱାରିକାମୟୀ ପରିସରରେ ଏକ ଭଜନ ସମାରୋହ କାର୍ଯ୍ୟକ୍ରମ ହୋଇଥିଲା। ରାତିରେ ମହାଆରତି କରାଯାଇଥିଲା। ଅମିତ କୁମାର ଶତପଥୀ ଓ ଚନ୍ଦ୍ରଶେଖର ପଣ୍ଡା ପୂଜାକାର୍ଯ୍ୟ ତୁଲାଇଥିଲେ। ଉତ୍ସବରେ ଟାଉନଶିପ୍ ସମେତ ଭେଜାପୁଟ, ସତସଙ୍ଗ, ମାଥାଲପୁଟ ତଥା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## ଫେରାର ଅଭିଯୁକ୍ତ ଗିରଫ

ଆସିକା,୧୦।୧୦(ଡି.ଏନ୍.ଏ.): ଏକ ଫୌଜଦାରୀ ମାମଲାରେ ସଂପୃକ୍ତ ଥାଇ ଅଦାଲତରେ ହାଜର ହେଉ ନ ଥିବା ଅଭିଯୋଗରେ ପୋଲିସ ବୁଧବାର ରାତିରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ଆସିକା ଏନ୍‌ଏସି ରେଡିକା ସାହିର ନାନି ଆଚାରୀ। ଏକ ଡକାୟତି ମାମଲାରେ ସଂପୃକ୍ତ ଥାଇ ଅଦାଲତରେ ସେ ହାଜର ହେଉ ନ ଥିବାରୁ ତାଙ୍କ ବିରୋଧରେ ଅଦାଲତ ପକ୍ଷରୁ ୱାରେଣ୍ଟ ଜାରି କରାଯାଇଥିଲା। ଏହା ବଳରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରଛି।

# ବ୍ଲକ ଅଧ୍ୟକ୍ଷଙ୍କ ନାଁରେ ଆସିପାରେ ଅନାସ୍ଥା ପ୍ରସ୍ତାବ

- ମନମୁଖି କାର୍ଯ୍ୟ ପାଇଁ ଅସନ୍ତୁଷ୍ଟ ସମିତିସଭ୍ୟ
- ଉପଜିଲାପାଳଙ୍କୁ ଭେଟି ଦେଲେ ଦାବିପତ୍ର



ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସେମିଳିଗୁଡ଼ା ବ୍ଲକର ସମିତି ସଭ୍ୟାସଭ୍ୟମାନେ।

କୋରାପୁଟ,୧୦।୧୦(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଗୁରୁବାର ବ୍ଲକର ସମିତିସଭ୍ୟ କୋରାପୁଟ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଧ୍ୟକ୍ଷ ଦିନେଶ ଖରାଙ୍କ ମନମୁଖୀ କାର୍ଯ୍ୟର ପ୍ରତିବାଦ ଜଣାଇ ବୁଧବାର ସେମିଳିଗୁଡ଼ା ବ୍ଲକ କାର୍ଯ୍ୟାଳୟରେ ବ୍ଲକର ୧୪ ଜଣ ସମିତିସଭ୍ୟ ଉପସ୍ଥିତ ରହି ଏକ ବୈଠକ କରିଥିଲେ। ସଦାଶିବ ବାରିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମିତିସଭ୍ୟଙ୍କ ଜନହିତକର କାର୍ଯ୍ୟରେ ହସ୍ତକ୍ଷେପ, ସେମାନଙ୍କ କଥା ନ ଶୁଣି ମନଇଚ୍ଛା କାର୍ଯ୍ୟ, ପଞ୍ଚାୟତ ସମସ୍ୟା ସମାଧାନ ନ ହେବା ଭଳି ଅଭିଯୋଗ ଅଧ୍ୟକ୍ଷ ଖରାଙ୍କ ନାଁରେ ବୈଠକରେ ଉଠିଥିଲା। ଏଥିରେ ୧୬ ଜଣ ସଭ୍ୟଙ୍କ ମଧ୍ୟରୁ ୧୪ ଜଣ ବର୍ତ୍ତମାନ ଉପାଧ୍ୟକ୍ଷା ଥିବା ବାସନ୍ତୀ ଛେଦନାୟକଙ୍କୁ ନେତା ଭାବେ ବାଛିଥିଲେ। ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ ଗୁରୁବାର ସେମିଳିଗୁଡ଼ା ବ୍ଲକ ଉପାଧ୍ୟକ୍ଷା ବାସନ୍ତୀ ଛେଦନାୟକଙ୍କ ନେତୃତ୍ୱରେ ପାକଝୋଲା, ସୁବାଇ, ରେଙ୍ଗା, ସାଡାମ, ପରଜାମୁଠାଇ, ଦୁଧାରି, ଗୁଣ୍ଡାପୁଟ, ଖୁଡି, ରାଜପୁଟ, ଚାରାଙ୍ଗୁଲ, ଉପରକାଣ୍ଟି, ରାଜପାଲମା ପଞ୍ଚାୟତର ସମିତିସଭ୍ୟ ଉପଜିଲାପାଳ ଲଳିତ କୁମାର କହଁରଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଦାବିପତ୍ର ଓ ବୈଠକର ରିଜୋଲୁସନର ନକଲ ଉପଜିଲାପାଳଙ୍କୁ ଦିଆଯାଇଥିଲା।

## ମିଳିତ ଆନ୍ଦୋଳନ କରିବେ ବାମଦଳ

ଜୟପୁର,୧୦।୧୦(ନି.ପ୍ର.):

ଗୁରୁତର ଆର୍ଥିକ ସଙ୍କଟ ଓ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବା ପ୍ରତିବାଦରେ ଅକ୍ଟୋବର ୧୦ରୁ ୨୦ ତାରିଖ ଯାଏ ଦେଶବ୍ୟାପୀ ବାମପନ୍ଥୀଙ୍କ ମିଳିତ ଆନ୍ଦୋଳନ ଆରମ୍ଭ ହୋଇଛି। ଦେଶର ୫ଟି ବାମପନ୍ଥୀ ଦଳ ଦିଲ୍ଲୀରେ ଆୟୋଜିତ ଏକ ଜାତୀୟ ସମାବେଶରେ ଏକାଠି ହୋଇ ଦେଶବ୍ୟାପୀ ଆନ୍ଦୋଳନ ଚଳାଇବା ପାଇଁ ଘୋଷଣା କରିଛନ୍ତି। ଘୋଷଣା ପ୍ରକାରେ ଓଡ଼ିଶାର ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ସମେତ ଜିଲା ସଦର ମହକୁମାରେ ଏହି ଆନ୍ଦୋଳନ ଚାଲିବ। ସରକାରୀ ପୁଞ୍ଜିନିବେଶ ବଢ଼ାଇ ନିଯୁକ୍ତି ସୃଷ୍ଟି, ସେ ପର୍ଯ୍ୟନ୍ତ ବେକାରୀ ଭତ୍ତା ପ୍ରଦାନ, ସମସ୍ତ ପ୍ରକାର ଛଟେଇ ରୋକିବା, ସର୍ବନିମ୍ନ ମଜୁରି ୧୮ ହଜାର, ନିଯୁକ୍ତି ହରାଇଥିବା ବ୍ୟକ୍ତିଙ୍କୁ ମାସିକ ଭତ୍ତା, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ, ପ୍ରତିରକ୍ଷା ଓ କୋଇଲା କ୍ଷେତ୍ରରେ ଶତ ପ୍ରତିଶତ ପୁଞ୍ଜି ନିବେଶ ବନ୍ଦ କରିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠି ବଢ଼ାଇ ଗ୍ରାମୀଣ ବେକାରଙ୍କୁ ସର୍ବନିମ୍ନ ୨ ଶହ ଦିନର କାମ, କୃଷକଙ୍କ ଉପରୁ ଋଣଛାଡ, ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଦେଢ଼ଗୁଣ କରିବା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ମାସିକ ୩ ହଜାର ଟଙ୍କା କରିବା ଦାବି ରହିଛି। ଏହି ସବୁ ଦାବି ନେଇ ସିପିଆଇ, ସିପିଆଇ (ଏମ୍), ସିପିଆଇ (ଏମ୍‌ଏଲ୍) ଲିବରେସନ ମିଳିତ ଭାବେ ଆନ୍ଦୋଳନ କରିବେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୧୮ ଗିରଫ

ଆସିକା,୧୦।୧୦(ଡି.ଏନ୍.ଏ.):

ଆସିକା ଥାନା ଅନ୍ତର୍ଗତ ଦେବଭୂମି, ମଙ୍ଗଳପୁର ଏବଂ ଗାଙ୍ଗପୁର ଥାନା ଅନ୍ତର୍ଗତ ନିମିନା ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୧୮ ଜଣଙ୍କୁ ଗିରଫ କରିଛି। ବୁଧବାର ରାତିରେ ଆସିକା ପୋଲିସ ଦେବଭୂମି ଓ ମଙ୍ଗଳପୁର ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ୧୩ ଜଣଙ୍କୁ ଗିରଫ କରିବା ସହ ୨୭ହଜାର ଟଙ୍କା ଓ ତାସ ଜବତ କରିଥିଲା।

## ଜନ୍ମତିଥିରେ ଗୋପବନ୍ଧୁଙ୍କ ସ୍ମୃତିଚାରଣ

କୋରାପୁଟ,୧୦।୧୦(ସ୍ୱ.ପ୍ର.)

କୋରାପୁଟ ପ୍ରଶାସନ ଓ ଜିଲା ସ୍ମାରକୀ କମିଟିର ମିଳିତ ସହଯୋଗରେ ବୁଧବାର ଗୋପବନ୍ଧୁଙ୍କ ୧୪୨ତମ ଜୟନ୍ତୀ ପାଳନ କରାଯାଇଛି। ଉପଜିଲାପାଳଙ୍କ ବାସଭବନ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଉପଜିଲାପାଳ ଲଳିତ କୁମାର କହଁର ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପି. ଟୋଲିଆମ୍ମା, ଗୋପବନ୍ଧୁ ସେବା ସମିତିର ସଭାପତି ଭବାନି ଶଙ୍କର ମିଶ୍ର, ସତ୍ୟନାରାୟଣ ପ୍ରଧାନ, ସୌମେନ୍ଦ୍ର ସ୍ୱାଇଁ, ଜିଲା ସ୍ମାରକୀ କମିଟି ସଭ୍ୟ ରାମ ପ୍ରସାଦ ଶର୍ମାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।



ଅତିଥିମାନେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କୋରାପୁଟ,୧୦।୧୦(ସ୍ୱ.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କୋରାପୁଟସ୍ଥିତ ମାନସ ବିଦ୍ୟାଳୟ ଓ ଦିପ୍ତି ନିବାସଠାରେ ଗୁରୁବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ସ୍ଥାନୀୟ ମାନସ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣ ଜୟପୁରର ସଂପାଦକ ଲଳିତା ମଞ୍ଜରୀ ପଟ୍ଟନାୟକ, ଜୟପୁର ଜେଏମ୍‌ଏଫ୍‌ସି ପ୍ରଭାତ କୁମାର ସାମଲ, ସୁରକ୍ଷିତ ମିଶ୍ର, ଜିଲା ସମାଜ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଜିଲା ସମାଜ ମଙ୍ଗଳ ବିଭାଗର ଜିଲା ସଂଯୋଜିକା ରାଜଶ୍ରୀ ବେହେରା, ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣପ୍ରଭା ଦାସ, ପ୍ରକାଶ ଦେହୁରୀ, ମାନସ ବିଦ୍ୟାଳୟର ଅଧ୍ୟକ୍ଷ ବିଦ୍ୟାଧର ପ୍ରମାଣିକ, ଅଶୋକ କୁମାର ମହାନ୍ତି, ସୋମନାଥ ମହାନ୍ତି ଉପସ୍ଥିତ ଥିଲେ।

# ବର୍ଷାରେ ଭାଙ୍ଗିଲା ଘର

କୁନ୍ଦୁରା,୧୦।୧୦(ଡି.ଏନ୍.ଏ.):

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତର ନଡିଆଲପାଲି ଗ୍ରାମର ସୁଶାନ୍ତ ଗୌଡ଼ଙ୍କ ଘର ଭୁଶୁଡ଼ିପଡ଼ିଛି। ଗତ ସୋମବାର ଅପରାହ୍ନ ସମୟରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ପୂର୍ବରୁ ଲଗାଣ ବର୍ଷାରେ ଭିଜିଥିବା ମାଟିଘର ଭୁଶୁଡ଼ି ପଡ଼ିଥିଲା। ଏବେ ସେ ବଡ଼ଭାଇଙ୍କ ଘରେ ଆଶ୍ରୟ ନେଇଛନ୍ତି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି।



ସୁଶାନ୍ତ ଗୌଡ଼ଙ୍କ ମାଟିଘର ବର୍ଷାରେ ଭୁଶୁଡ଼ି ପଡିଛି।

# ରାସ୍ତା ସାରା ହେଲାଣି ଗାତ

ସୁନାବେଡ଼ା,୧୦।୧୦(ଡି.ଏନ୍.ଏ.)



ମୁଖ୍ୟରାସ୍ତାର ଅନେକ ସ୍ଥାନରେ ଖାଲ ସୃଷ୍ଟି ହୋଇଛି।

ସୁନାବେଡ଼ା ସ୍ଥିତ ହାଲ୍ ଟାଉନଶିପ୍ ମଧ୍ୟରେ କାରଖାନାକୁ ଯାତାୟତ ପାଇଁ ସଂଯୋଗକାରୀ ରାସ୍ତାଗୁଡ଼ିକ ଅତି ଶୋଚନୀୟ ଅବସ୍ଥାରେ ରହିଛି। ରାସ୍ତା ସାରା ଅନେକ ଗାତ ସୃଷ୍ଟି ହେଲାଣି। ଅନ୍ୟ ଦିନରେ ଏହି ରାସ୍ତାରେ ଯିବାଆସିବା ଯେତିକି ବିରକ୍ତିକର ହେଉଛି, ବର୍ଷାଦିନେ ତାହାଠାରୁ ବେଶୀ ଶଙ୍କାପୂର୍ଣ୍ଣ ରହୁଛି ଚଳପ୍ରଚଳ। ଗାତରେ ପାଣି ଭର୍ତ୍ତି ହୋଇ ରହିବା ଯୋଗୁ ଲୋକେ ତାହା ଜାଣି ନ ପାରି ଅସୁବିଧାରେ ପଡୁଛନ୍ତି। କାରଖାନା ମୁଖ୍ୟ କାର୍ଯ୍ୟାଳୟକୁ ସଂଯୋଗ କରିଆସୁଥିବା ୪ଟି ରାସ୍ତା ଏନ୍‌ଏସି ଛକ ଆଡୁ, ପି-ଜୋନ୍ ଛକ, ସେଣ୍ଟ୍ରାଲ ମାର୍କେଟ୍ ଛକ, କଲେଜ ଛକ, ଭିଏସ୍ ବିଦ୍ୟାଳୟକୁ ସଂଯୋଗ କରୁଥିବା ୩ଟି ଯାକ ରାସ୍ତା, ସି-ଜୋନ୍ ଛକ, ମେଡିକାଲ ରୋଡ୍, ଗେଷ୍ଟ ହାଉସକୁ ସଂଯୋଗ ରାସ୍ତା, ଜଗନ୍ନାଥ ମନ୍ଦିରକୁ ରାସ୍ତା, ଡିଏଭି ହାଇସ୍କୁଲ ରାସ୍ତା, ସିନେମା ହଲ୍ ସାମ୍ନା, ମିଳନ ମାର୍କେଟ୍ ସାମ୍ନା, ବସ୍‌ଷ୍ଟାଣ୍ଡ ସାମ୍ନା ଓ ଛକ, ଷ୍ଟାଡ଼ିୟମ ସାମ୍ନା, କାରଖାନାକୁ ଦୁଇଟି ମୁଖ୍ୟରାସ୍ତା, ଏହାସହ ହାଲ୍ ଟାଉନଶିପ୍‌ରେ ଥିବା ସମସ୍ତ କଲୋନୀକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ତୁରନ୍ତ ଏହାର ସମାଧାନ କରିବା ପାଇଁ ଦାବି ହୋଇଛି।

# ବିଛଣା ଧରିଲା ଘର ଚଳାଉଥିବା ଯୁଆନ ପୁଅ

ଦଶମନ୍ତପୁର,୧୦।୧୦(ଡି.ଏନ୍.ଏ.)

**ଦିଶାରୀ ପରିବାରର ଦୁଃଖ**
- ଅର୍ଥ ଅଭାବରୁ ହୋଇପାରୁନି ଚିକିତ୍ସା
- କଷ୍ଟକର ହେଲାଣି ଗୁଜୁରାଣ ଚଳାଇବା



ଘର ବାରଣ୍ଡାରେ ଶଯ୍ୟାଶାୟୀ ଚକ୍ର ଦିଶାରୀ।

ଦିନେ ସେ ଘର ଚଳାଉଥିବା ଯୁଆନ ପୁଅ ଥିଲେ। କିନ୍ତୁ ଏବେ ସକାଳ ହେଲେ ପରିବାର ଲୋକେ ତାଙ୍କୁ ଘରୁ ଟେକି ଆଣି ବାରଣ୍ଡାରେ ବସାଇ ଦେଉଛନ୍ତି। ସନ୍ଧ୍ୟାରେ ପୁଣି ଟେକି ନେଇ ଘରେ ଶୁଆଇ ଦେଉଛନ୍ତି। ୨୬ ବର୍ଷର ଏହି ଯୁବକ ରୋଗରେ ପୀଡ଼ିତ ଥାଇ ଏକ ପ୍ରକାର ଭିନ୍ନକ୍ଷମ। ଏ ହେଉଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତ ବରଗଛ ଗ୍ରାମରେ ରହୁଥିବା ଦିଶାରୀ ପରିବାରର ଦୁଃଖକଥା।

ବରଗଛ ଗାଁର ମାଡି ଦିଶାରୀଙ୍କ ପୁଅ ଚକ୍ର ଦିଶାରୀ (୨୬)। ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିବା ଚକ୍ରଙ୍କ ହଠାତ୍ ହାତ, ଗୋଡ଼ ବ୍ୟଥା ବାହାରିଲା। ସେ ପ୍ରଥମେ ହେଳା କରି ରହିଯାଇଥିଲେ ହେଁ ପରେ ବାଧ୍ୟହୋଇ ତାଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାକୁ ପଡ଼ିଥିଲା। କିନ୍ତୁ ଯନ୍ତ୍ରଣା ନ କମିବାରୁ ତାଙ୍କୁ ଘରକୁ ଫେରାଇ ଆଣିଲୁ ବୋଲି ତାଙ୍କ ମା' ଓ ସ୍ତ୍ରୀ କହିଛନ୍ତି। ଏବେ ଚକ୍ର ଘରେ ଶଯ୍ୟାଶାୟୀ ଅବସ୍ଥାରେ ରହିଛନ୍ତି। ଚଲାବୁଲା ତ ଦୂରର କଥା, ଚକ୍ର ଯେଉଁଠି ସେଇଠି ଝାଡ଼ା ପରିସ୍ରା କରୁଛନ୍ତି। ସ୍ତ୍ରୀ ଓ ମା' ତାଙ୍କର ସେବା କରୁଛନ୍ତି। ଧୀରେଧୀରେ ଚକ୍ରଙ୍କ ଖାଇବା ଆଉ ପିଇବା ମଧ୍ୟ କମିବାରେ ଲାଗୁଛି। ତାଙ୍କ ଦେହ ଦୁର୍ବଳ ହେଉଥିବା ଦେଖି ପରିବାର ଲୋକେ ଭାଙ୍ଗିପଡ଼ିଲେଣି। ଘର ଚଳାଉଥିବା ପୁଅର ଏଭଳି ଅବସ୍ଥା ଦେଖି ଆଉ ବଞ୍ଚିବାକୁ ଇଚ୍ଛା ଲାଗୁନାହିଁ ବୋଲି ଚକ୍ରଙ୍କ ମା' ଅତି ଦୁଃଖର ସହ କହିଥିଲେ। ଅର୍ଥ ଅଭାବ ଯୋଗୁ ଘରଲୋକେ ଅଧିକ ଚିକିତ୍ସା ପାଇଁ ସାହସ କରିପାରୁ ନାହାନ୍ତି। ପ୍ରଶାସନ ଏ ଦିଗରେ ଚିକିତ୍ସା ବ୍ୟବସ୍ଥା ଓ ସହାୟତା ଦେବା ପାଇଁ ଚକ୍ରଙ୍କ ମା' ଓ ସ୍ତ୍ରୀ ନିବେଦନ କରିଛନ୍ତି।



ପୁରୁଷାର୍ଥ ହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।
- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ



### ଶତ୍ରୁଘ୍ନଙ୍କ ଚିକିତ୍ସାରେ ଅର୍ଥ ବାଧକ

ଟିକିରି, ୧୦।୧୦ (ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଫଟାଗୁଡା ଗ୍ରାମର ଉମା କୁଲେସିକାଙ୍କ ୩ ବର୍ଷର ପୁଅ ଶତ୍ରୁଘ୍ନ। ତାକୁ ସବୁଦିନ ମୂର୍ଚ୍ଛା ମାରୁଛି। ସେ ଦିନକୁ ଦିନ ଶୁଖି ଯାଉଥିବାବେଳେ ଠିକ୍ ଭାବେ ବସାଉଠା କରିପାରୁନି। ଏମିତି କି ଭଲ ଭାବେ କଥା କହି ପାରୁନାହିଁ। ପୁଅର ଏପରି ଅବସ୍ଥା ଦେଖି ବାପାମାଆ ଚିନ୍ତାରେ ପଡ଼ିଛନ୍ତି। ଉମା ପ୍ରଥମେ ପୁଅକୁ ନେଇ ସ୍ଥାନୀୟ ଉତ୍କଳ ଆଲୁମିନା ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଚିକିତ୍ସା କରିଥିଲେ। ପରେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ହସ୍ପିଟାଲକୁ ମଧ ନେଇଥିଲେ। ପିଲାଟିର ମସ୍ତିଷ୍କ ଠିକ୍ ଭାବରେ କାମ କରୁ ନ ଥିବାରୁ ଏପରି ହେଉଥିବା ଡାକ୍ତରମାନେ କହିଥିଲେ। ପ୍ରତି ସପ୍ତାହକୁ ଥରେ ଡାକ୍ତରଖାନା ଆଣି ଚିକିତ୍ସା କରିବା ଲାଗି ଡ଼ାକ୍ତର ପରାମର୍ଶ କରିଥିଲେ। ହେଲେ ଯାହା ପଇସା ଥିଲା ସବୁ ସାରିଦେଲୁ। ଏବେ ପଇସା ଅଭାବରୁ କୋରାପୁଟ ନେଇ ଚିକିତ୍ସା କରିବା ସମ୍ଭବ ନୁହେଁ ବୋଲି ଉମା କୁଲେସିକା କହିଛନ୍ତି। ଶତ୍ରୁଘ୍ନ ଜନ୍ମହେବାର ତିନି ମାସ ପର୍ଯ୍ୟନ୍ତ ଠିକ୍‌ଠାକ୍ ଥିଲା। ପରେ ଅଧିକାଂଶ ସମୟ ଜ୍ୱର ହେବା ସହ ମୂର୍ଚ୍ଛା ହୋଇ ଚେତା ଚାଲି ଯାଉଛି। ସରକାରଙ୍କ ତରଫରୁ ସହାୟତା ମିଳିଲେ ପୁଅ ଭଲ ହୋଇପାରନ୍ତା ବୋଲି ଉମା କହିଛନ୍ତି।

### କାଳୀପୂଜା ନେଇ ଶୁଭଖୁଣ୍ଟି ସ୍ଥାପନ



ଗୁଡ଼ାରୀ,୧୦।୧୦(ଡ଼ି.ଏନ.ଏ): ଗୁଡ଼ାରୀ ସହରସ୍ଥିତ କାଳୀପୂଜା କମିଟି ତରଫରୁ କାଳୀପୂଜା ପଡ଼ିଆରେ ଗୁରୁବାର କାଳୀ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନେଇ ଭୂମି ପୂଜା ଓ ମାଟି ପୂଜା କାର୍ଯ୍ୟ ସମ୍ପାଦକ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଭାଗୀରଥି ରଥ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୁରୋହିତ କାଶୀ ବିଶ୍ୱନାଥ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନା କରିବେ। କାଳୀପୂଜା କମିଟି ସଦସ୍ୟମାନେ ପୂଜା ସମୟରେ ସଂକୀର୍ତ୍ତନ କରି ମାଟି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଚଳିତବର୍ଷ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ନେଇ କମିଟି ତରଫରୁ ନିଷ୍ପତ୍ତି ହୋଇଛି।

### ବିଶ୍ୱ ଦୃଷ୍ଟି ଦିବସ ପାଳିତ




ଗୁଣ୍ପା,୧୦।୧୦: ଗୁଣ୍ପା ବିଇଓଙ୍କ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଛି। ଏଥିରେ ଏବିଇଓ, ଫାର୍ମାସିଷ୍ଟ ସୁଧୀର କୁମାର ମହାପାତ୍ର ଏବଂ ଚକ୍ଷୁ ସହାୟକ ଜନ୍ମେଜୟ ସାହୁ ଯୋଗ ଦେଇ ଦୃଷ୍ଟି ଦୋଷ ଓ ଅନ୍ଧତ୍ୱ ଦୂରୀକରଣ ସମ୍ପର୍କରେ ବୁଝାଇଥିଲେ। ଚକ୍ଷୁ ସହାୟକ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ମୁଖ୍ୟତଃ ପିଲାଙ୍କ ଦୃଷ୍ଟି ଦୋଷ ଉପରେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଶିଶୁଙ୍କ ଦୃଷ୍ଟିଦୋଷ ସମ୍ପର୍କରେ ଆଲୋଚନାକରାଯିବା ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ପିଲାଙ୍କ ପ୍ରାଥମିକ ଚକ୍ଷୁ ପରୀକ୍ଷା କରାଯାଇ କିପରି ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ସାସ୍ଥ୍ୟକେନ୍ଦ୍ରକୁ ପଠାଯିବ ସେ ସମ୍ପର୍କରେ ବୁଝାଇଥିଲେ।

## ■ ୫-ଟି ସଚିବଙ୍କ ରାୟଗଡା ଗସ୍ତ

# ରୋଗୀଙ୍କ ସମସ୍ୟା ପଚାରି ବୁଝିଲେ

ରାୟଗଡ଼ା ଅଫିସ ,୧୦।୧୦

୫-ଟି କାର୍ଯ୍ୟକ୍ରମ ସଚିବ ଭି.କେ. ପାଣ୍ଡିଆନ ଗୁରୁବାର ରାୟଗଡ଼ା ଗସ୍ତ କରିଛନ୍ତି। ସେ କଳାହାଣ୍ଡିରୁ ଏକ ହେଲିକପ୍ଟର ଯୋଗେ ଆସି ରାୟଗଡ଼ାର ଜିସିଡ଼ି ଖେଳପଡ଼ିଆରେ ଓହ୍ଲାଇଥିଲେ। ତାଙ୍କ ସହ ଜାତୀୟ ଗ୍ରାମୀଣ ମିଶନର ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଫିସର ମୁଖ୍ୟ ଉପଦେଷ୍ଟା ଆର. ବାଲକ୍ରିଷ୍ଣାନ ଗସ୍ତ କରିଛନ୍ତି। ସେ ଜିଲା ମୁଖ୍ୟଚିକିତ୍ସାଳୟକୁ ଯାଇ ବିଭିନ୍ନ ୱାର୍ଡ଼ ବୁଲି ଦେଖିଥିଲେ। ପରେ ରୋଗୀ ଓ ସମ୍ପର୍କୀୟଙ୍କୁ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ରୋଗୀ ସେବା ନେଇ ଡାକ୍ତରଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ପାଣ୍ଡିୟାନ ଡାଏଲିସିସ୍ ୱାର୍ଡକୁ ଯାଇ କିଡ୍‌ନୀ ରୋଗୀଙ୍କ ସମସ୍ୟା ବୁଝିଥିଲେ। ଏହି ୱାର୍ଡ଼ର କାନ୍ଥ ବର୍ଷା ପାଣିରେ ନଷ୍ଟ ହୋଇଯାଇଥିବା ଦେଖି ବିରକ୍ତି ପ୍ରକାଶ କରିଥିଲେ। ତୁରନ୍ତ ମରାମତି କରିବାକୁ କହିଥିଲେ। ଚିକିତ୍ସାଳୟକୁ ସଫାସୁତୁରା ରଖିବା ସହ ଆବଶ୍ୟକ ଯନ୍ତ୍ରପାତିର ଉପଯୋଗ କରିବା, ଡାକ୍ତର ପଦବୀ ପୂରଣ, ଲୋକେ ଯେପରି ଦଲାଲଙ୍କ ଶିକାର ନ ହେବେ ସେ ନେଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମୋ ସରକାର ଯୋଜନା ତୃଣମୂଳ ସ୍ତରରେ କିପରି କାର୍ଯ୍ୟ କରୁଛି ତାହାର ଯାଞ୍ଚ କରିଥିଲେ। ପ୍ରଶାସନକୁ ଅଧିକ ଉତ୍ତରଦାୟୀ ,ଲୋକାଭିମୁଖୀ ଏବଂ ଦାୟିତ୍ୱବାନ ହେବାକୁ କହିଥିଲେ। ୫-ଟି ସଚିବଙ୍କ ଗସ୍ତ ସମୟରେ ଜିଲାପାଳ ପ୍ରମୋଦ କୁମାର ବେହେରା, ଆରକ୍ଷୀ ଅଧୀକ୍ଷକ ଡ଼. ଶ୍ରବଣ ବିବେକ ଏମ୍ , ସିଡିଏମଓ ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

### ଡାଏଲିସିସ୍ ୱାର୍ଡ଼ କାନ୍ଥ ନଷ୍ଟ ନେଇ ବିରକ୍ତି



୫-ଟି ସଚିବ ଓ ଅନ୍ୟ ଅଧିକାରୀମାନେ ଜିଲା ଚିକିତ୍ସାଳୟ ବୁଲି ଦେଖୁଛନ୍ତି।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପୁରାତନ ଛାତ୍ରୀଛାତ୍ର।

# ସ୍ମୃତି ବଖାଣିଲେ ପୁରାତନ ଛାତ୍ରୀଛାତ୍ର

ଜେକେପୁର,୧୦।୧୦

ରାୟଗଡ଼ା ଜେକେପୁରସ୍ଥିତ ସିଙ୍ଘାଣିଆ ଉଚ୍ଚ ବିଦ୍ୟାଳୟର ୧୯୯୯ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜେକେ କାଗଜକଳ ଲୋକ ସମ୍ପର୍କ ଅଧିକାରୀ ସୁନୀଲ କୁମାର ନାଥ ଓ ହରିହର ଖମାରି ମୁଖ୍ୟ ଅତିଥି , ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ନଟବର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଜି.ଡ଼ି.ଆର. ପଟ୍ଟନାୟକ, କାହ୍ନୁଚରଣ ସାହୁ, ବି.କେ. ମହାପାତ୍ର, ଅରୁଣ କର, ସବିତା ପାଲ, ନିରଞ୍ଜନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟଅତିଥି,ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଉପଢୌକନ ସହ ଭଗବତ ଗୀତା ପ୍ରଦାନ କରାଯାଇଥିଲା। ଦୀର୍ଘ ୨୦ ବର୍ଷ ପରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ଏକତ୍ରିତ ହୋଇ ନିଜର ସ୍ମୃତି ବଖାଣିଥିଲେ। ଏହି କାର୍ଯ୍ୟକ୍ରମକୁ ଛାତ୍ରୀ ଦୀପ୍ତି ମହାନ୍ତି, ସନ୍ତୋଷିନୀ ପାତ୍ର, ଚୁମୁକି ପାଣି, କଳ୍ପନା ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ■ ପ୍ରସୂତିଙ୍କୁ ଲାଞ୍ଚ ମାଗିବା ଘଟଣା

# ମୁନିଗୁଡ଼ା ବଦଳିଲେ ଡାକ୍ତର

ଗୁଣପୁର,୧୦।୧୦(ଡି.ଏନ.ଏ)

### ସ୍ୱାସ୍ଥ୍ୟକେନ୍ଦ୍ର ସମ୍ଭାଳିବେ ୪ ଡାକ୍ତର

ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ତ୍ରୋପଚାର ନେଇ ପ୍ରସୂତିଙ୍କୁ ଲାଞ୍ଚ ମାଗିବା ଘଟଣାରେ ସମ୍ପୃକ୍ତ ଡ଼ାକ୍ତରଙ୍କ ବଦଳି ହୋଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତାଙ୍କୁ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରିଛନ୍ତି। ଅନ୍ୟପଟେ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଦୟନୀୟ ସ୍ଥିତି। ରୋଗୀସେବା ବେହାଲ ହୋଇପଡିଛି। ୧୬ ଜଣ ଡାକ୍ତର ସ୍ଥାନରେ ବର୍ତ୍ତମାନ ଅଛନ୍ତି ମାତ୍ର ୪। ଏପରିସ୍ଥଳେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକେ ରୋଗୀ ସେବା କିପରି ପାଇବେ ତାହା ଚିନ୍ତାର ବିଷୟ ହୋଇପଡିଛି।

ପଦ୍ମପୁର ବ୍ଲକ ଖିଲାପଦର ଅଞ୍ଚଳର ଜଣେ ପ୍ରସୂତିଙ୍କ ଅସ୍ତ୍ରୋପଚାର ନେଇ ଡ଼ାକ୍ତର ପ୍ରଦୀପ ପଣ୍ଡା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ମହିଳା ଜଣକ ଜିଲାପାଳଙ୍କଠାରୁ ଆରମ୍ଭ କରି ଅନ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଜିଲାପାଳ ପ୍ରମୋଦ କୁମାର ବେହେରା ଉପଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଗତ ୨୩ ତାରିଖରେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ତଦନ୍ତ କରିଥିଲେ। ପରେ ଗତ ୨୭ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ଏହି ଘଟଣାର ତଦନ୍ତ କରାଯାଇଥିଲା। ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମ୍ପୃକ୍ତ ଡାକ୍ତର ପ୍ରଦୀପ ପଣ୍ଡାଙ୍କୁ ମୁନିଗୁଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରିଛନ୍ତି। ହେଲେ ଏହାକୁ ନେଇ ବର୍ତ୍ତମାନ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଡାକ୍ତର ନିଯୁକ୍ତି ଦିଆ ନ ଯାଇ ବଦଳିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବର୍ତ୍ତମାନ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬ ଡ଼ାକ୍ତର ଆବଶ୍ୟକତା ଥିବା ବେଳେ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନେଇ ୫ ଜଣ ଡାକ୍ତର ଅଛନ୍ତି। ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଛାଡି ଅନ୍ୟ ୪ ଜଣ ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରକୁ କିପରି ସମ୍ଭାଳିବେ ତାହାକୁ ନେଇ ଉଠିଛି ପ୍ରଶ୍ନ। ଏଠାରେ ଶିଶୁରୋଗ ବିଶେଷଜ୍ଞଠାରୁ ଆରମ୍ଭ କରି ବହୁ ବିଶେଷଜ୍ଞ ପଦବୀ ଖାଲିଥିବାବେଳେ ପ୍ରସୁତି ବିଶେଷଜ୍ଞଙ୍କୁ ବଦଳି କରାଯାଇଛି। ଏପରିସ୍ଥିତିରେ ଗୁଣପୁରରେ ସ୍ୱାସ୍ଥ୍ୟସେବା ଦୟନୀୟ ହୋଇପଡିଛି।

### ଗଞ୍ଜାମ ଆରଟିଓର ଭ୍ରାମ୍ୟମାଣ କେନ୍ଦ୍ର ପାରଳାଖେମୁଣ୍ଡିରେ ଖୋଲିବାକୁ ଦାବି

ପାରଳାଖେମୁଣ୍ଡି,୧୦।୧୦(ସ୍ୱ.ପ୍ର)

ଗଞ୍ଜାମ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଗଜପତି ଜିଲାରେ ଏକ ଭ୍ରାମ୍ୟମାଣ କେନ୍ଦ୍ର ଖୋଲିବା ପାଇଁ ଦାବି ହୋଇଛି। ଗଞ୍ଜାମ ଜିଲା ପରିବହନ ଅଧିକାରୀ ଲୋକଙ୍କ ସୁବିଧାପାଇଁ ନିଜ ଜିଲାରେ ବିଭିନ୍ନ ସ୍ଥାନରେ ଭ୍ରାମ୍ୟମାଣ କେନ୍ଦ୍ର ଖୋଲିଛନ୍ତି। ହେଲେ ଗଜପତି ଜିଲାରେ ମଧ ପ୍ରାୟ ୫୦ପ୍ରତିଶତ ଗାଡ଼ି ଏବେ ମଧ ଗଞ୍ଜାମ ଜିଲା ନମ୍ବରରେ ଚାଲୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଆର୍‌ଟିଓ ପକ୍ଷରୁ ପାରଳାଖେମୁଣ୍ଡିଠାରେ ସାମୟିକ ଭାବେ ଏକ ଭ୍ରାମ୍ୟମାଣ କେନ୍ଦ୍ର ଖୋଲିବା ପାଇଁ ଦାବି ହେଉଛି। ଯଦ୍ୱାରା ଏଠାକାର ଗାଡ଼ି ଚାଳକ ଉପକୃତ ହୋଇପାରିବେ। ବିଶେଷତଃ ବରିଷ୍ଠ ନାଗରିକମାନେ ନିଜ ଯାନବାହନ ଗଞ୍ଜାମ ଜିଲାର ଛତ୍ରପୁରକୁ ନ ନେଇ ଏଠାରେ ହିଁ କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ଆଦି ସଜାଡ଼ି ପାରିବେ। ଗଜପତି ଜିଲାର ଗାଡ଼ି ଚାଳକ ଆନ୍ଧ୍ରପ୍ରଦେଶ ଦେଇ ଯିବା ସମୟରେ ମଧ ରାସ୍ତାରେ ଜରିମାନା ଆଦାୟର ସମ୍ମୁଖୀନ ହେଉଛନ୍ତି। ସେହିପରି ଛତ୍ରପୁରସ୍ଥିତ କାର୍ଯ୍ୟାଳୟରେ ମଧ ଅସମ୍ଭବ ଭିଡ଼ ରହୁଛି। ଫଳରେ ସେଠାରେ ଦୁଇ ତିନି ଦିନ ରହିବାକୁ ପଡୁଛି। ତେଣୁ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ନିବେଦନ କରାଯାଇଛି।

### ଫେରାର ଅଭିଯୁକ୍ତ ଗିରଫ

ଆସିକା,୧୦।୧୦(ଡି.ଏନ୍.ଏ.)

ଏକ ଫୌଜଦାରୀ ମାମଲାରେ ସଂପୃକ୍ତ ଥାଇ ଅଦାଲତରେ ହାଜର ହେଉ ନ ଥିବା ଅଭିଯୋଗରେ ପୋଲିସ ବୁଧବାର ରାତିରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ଆସିକା ଏନ୍‌ଏସି ରେଡିକା ସାହିର ନାନି ଆଚାରୀ। ଏକ ଡକାୟତି ମାମଲାରେ ସଂପୃକ୍ତ ଥାଇ ଅଦାଲତରେ ସେ ହାଜର ହେଉ ନ ଥିବାରୁ ତାଙ୍କ ବିରୋଧରେ ଅଦାଲତ ପକ୍ଷରୁ ୱାରେଣ୍ଟ ଜାରି କରାଯାଇଥିଲା।

# ଶ୍ରୀ ଆତ୍ମାନନ୍ଦଙ୍କ ଜନ୍ମୋତ୍ସବ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

ପଦ୍ମପୁର,୧୦।୧୦(ଡି.ଏନ୍.ଏ.)

ସମାଜ ସଂସ୍କାରଧର୍ମୀ ସାର୍ବଜନୀନ ସଙ୍ଗଠନ ବିଶ୍ୱବୈଦିକ ପରିବାରର ପ୍ରତିଷ୍ଠାତା ଗୁରୁଦେବ ସନ୍ନ୍ୟାସୀ ଆତ୍ମାନନ୍ଦଙ୍କ ୭୫ତମ ଜନ୍ମୋତ୍ସବ ସ୍ଥାନୀୟ ମୁଚିକିପଦରସ୍ଥିତ ଅନୁଷ୍ଠାନର ସ୍ଥାୟୀ ଯଜ୍ଞଶାଳାଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗ, ପ୍ରାଣାୟାମ, ବେଦପାଠ, ନଗରକୀର୍ତ୍ତନ, ଭଜନ ସମାରୋହ, ପଞ୍ଚମହାଯଜ୍ଞ ଆଦି ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ସ୍ୱାମୀ ଆତ୍ମାନନ୍ଦ ପ୍ରଚଳିତ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଦୃଢ଼ ବିରୋଧ କରିବା ସହ ସତ୍ୟ ସନାତନ ବୈଦିକ ଧର୍ମର ବହୁଳ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଆୟୋଜିତ ବୈଦିକ ଭଜନ ସମାରୋହରେ କମଳାକାନ୍ତ, ପୂଜା, କଳ୍ପନା, ଯଶସ୍ୱିନୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ପଦ୍ମପୁରସ୍ଥିତ ଭଜନ କଳାତୀର୍ଥର ତ୍ରିପତି ଗମାଙ୍ଗ, ଶେଖର ମହାରଣା ଓ ମନୋଜ ଜେନା ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଯୋଗ ଓ ପ୍ରାଣାୟାମ୍ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ କ୍ଷେତ୍ର ପ୍ରଚାରକ ବିଦ୍ୟାଧର ଶବର ପରିଚାଳନା କରିଥିଲେ। ଶ୍ରୀ ଆତ୍ମାନନ୍ଦଜୀ ଧ୍ୱଜା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ପରିଚାଳକ ବିମଳେନ୍ଦୁ ପାଢ଼ୀ, ସଂଗଠକ, ଶ୍ରୀନିବାସ ପଟ୍ଟନାୟକ, ଭାସ୍କର ମାଲେଡି, ଚନ୍ଦ୍ରଭୂଷଣ ମାଣ୍ଡାଙ୍ଗି, ସୁଦର୍ଶନ ବାଡ଼ତ୍ୟା, ଜୟଲକ୍ଷ୍ମୀ, ସୁଶୀଳା ଦେବୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଏସ୍. ସନ୍ନ୍ୟାସୀ ରାଓ ଧନ୍ୟବାଦ ଦେଇଥିଲେ।

# ଜେକେ କାଗଜକଳ ବୁଲି ଦେଖିଲେ ଏମ୍‌ପି

ରାୟଗଡା ଅଫିସ/ ଜେକେପୁର, ୧୦।୧୦

କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଗୁରୁବାର ଜେକେ କାଗଜକଳ ପରିଦର୍ଶନ କରିଛନ୍ତି। କମ୍ପାନୀ ପକ୍ଷରୁ କରାଯାଉଥିବା ସାମାଜିକ କାମଗୁଡିକ ଦେଖିଥିଲେ। ଜେକେ କାଗଜକଳ ତରଫରୁ ଯୋଗାଯାଉଥିବା ପାଣି ନେଇ ପଚାରି ବୁଝିଥିଲେ। ସ୍ଥାନୀୟ ଲୋକେ ପିଉଥିବା ପାଣି କେତେ ସ୍ୱଚ୍ଛ ସେ ନେଇ ଆଲୋଚନା କରିଥିଲେ। କାଗଜକଳ ମୁଖ୍ୟ ପି. କେ. ସୂରି କାଗଜକଳର ବିଭିନ୍ନ ପ୍ରକଳ୍ପର ବ୍ୟବସ୍ଥା କରାଯାଇଥିବା କହିଥିଲେ। ଏୟାର ଷ୍ଟ୍ରିମ ଏବଂ ଅନାବଶ୍ୟକ ପାଣିର ଉପଯୋଗୀ ପାଇଁ ଯନ୍ତ୍ର ପାତି ଆବଶ୍ୟକ ବୋଲି ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଞ୍ଚଳବାସୀଙ୍କୁ ନିଯୁକ୍ତି ସହ ସାମାଜିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇଥିଲେ।



ଏମପି ଜେକେ କାଗଜକଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ଚାଷୀଙ୍କୁ ଯୋଗାଇ ଦିଆଗଲା କୀଟନାଶକ

ଚନ୍ଦ୍ରପୁର,୧୦।୧୦(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡ଼ାଙ୍ଗସୋରଡ଼ା ପଞ୍ଚାୟତ ଡ଼େକାପଙ୍ଗା, ଡ଼ିଲାଗିଡ଼ିଠାରେ ମାଣ୍ଡିଆରେ ପୋକ ଲାଗିଥିଲା। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଥିଲେ। କୃଷି ବିଭାଗର ହସ୍ତକ୍ଷେପ ପରେ ପୋକ ନିୟନ୍ତ୍ରଣ ନେଇ ଚାଷୀମାନଙ୍କୁ କୀଟନାଶକ ଯୋଗାଇ ଦିଆଯାଇଛି। ଚାଷୀମାନେ ଏହାକୁ ସିଞ୍ଚନ କରିବା ପରେ ପୋକ ମରିଯିବା ସହ ଫସଲରେ ଉନ୍ନତି ହୋଇଛି ବୋଲି ବିଜୟାନନ୍ଦ ଦାସ, ବିଶୁ ବ୍ରେବକା ପ୍ରକାଶ କରିଛନ୍ତି। ମୁନିଗୁଡ଼ା କୃଷି କାର୍ଯ୍ୟାଳୟ ତରଫରୁ ଜିଲା କୃଷି ଅଧିକାରୀ ରିଲିଜିଏସ ବେକ୍ ବାରମ୍ବାର ଉକ୍ତ ଅଞ୍ଚଳ ଗସ୍ତ କରି ଚାଷୀମାନଙ୍କୁ ଏହାର ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ପୋକ ନିୟନ୍ତ୍ରଣ କୀଟନାଶକ ଯୋଗାଇବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ଜିଲା କୃଷି ଅଧିକାରୀ ସୂଚନା ଦେଇଛନ୍ତି।

# କାଳୀପୂଜା ପାଇଁ ଭୂମି ପୂଜନ

ମୁନିଗୁଡା,୧୦।୧୦(ଡ଼ି.ଏନ.ଏ)

ରାୟଗଡା ଜିଲା ମୁନିଗୁଡା ମୁନିଖୋଲସ୍ଥିତ ଖେଳପଡିଆଠାରେ ହେବାକୁ ଥିବା କାଳୀପୂଜା ପାଇଁ ଗୁରୁବାର ଶୁଭଖୁଣ୍ଟି ସ୍ଥାପନ ଓ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୂଜାରେ ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷା ଶକୁନ୍ତଳା ନୁଣ୍ଡରୁକା ପୂଜାକାର୍ଯ୍ୟ ତୁଲାଇ ଥିଲେ। ସକାଳୁ ପୂଜାମଣ୍ଡପଠାରେ ମା'ଙ୍କ ପୂଜା ସହ କଳସ ସ୍ଥାପନ, ହୋମଯଜ୍ଞ,ମୂର୍ତ୍ତି ପାଇଁ ମାଟି ପୂଜା ଆଦି କରାଯାଇଥିଲା। ଦୀର୍ଘ ବର୍ଷର ବ୍ୟବଧାନ ପରେ ମୁନିଗୁଡାରେ କାଳୀ ପୂଜା ଅନୁଷ୍ଠିତ ହେଉଥିବାରୁ ଲୋକଙ୍କ ମନରେ ଉତ୍ସାହ ଦେଖାଦେଇଛି। ଏହି ପୂଜା ଆସନ୍ତା ୨୭ ତାରିଖରୁ ଆରମ୍ଭ ହୋଇ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ସହ ମିନା ବଜାର, ବିଭିନ୍ନ ଦୋଳି ଆଦି ଲାଗିବ ବୋଲି ପୂଜା କମିଟି ସଭାପତି ମହମ୍ମଦ. ଆୟୁବ, ସମ୍ପାଦକ ସୁଧାକର ମହାରଣା, କୋଷାଧ୍ୟକ୍ଷ ଜି.ସତୀଶ କୁମାର ଓ ଉପସଭାପତି ବ୍ରଜବନ୍ଧୁ ମାଣ୍ଡାଙ୍ଗି ପ୍ରମୁଖ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧରେ ପୂର୍ବତନ ବିଧାୟକ ସାରଙ୍ଗଧର କାଡ୍ରାକା,ସରପଞ୍ଚ ଜଗା ଶବର, ଅର୍ଜୁନ କାଡ୍ରାକା, ଦୀପକ ଆଚାର୍ଯ୍ୟ, ଭୋଳାନାଥ ଦୁବେ, ରାଜେଶ ଜୈନ, ପ୍ରଭାତ ପାଣିଗ୍ରାହୀ, ରାଜେଶ ପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।



ପୂଜାର୍ଚ୍ଚନା କରାଯାଉଛି।

## ■ ବେଆଇନ ଦୋକାନ ନିର୍ମାଣକୁ ବିରୋଧ

# ଦୋକାନରେ ତାଲା ପକାଇଲେ ଉତ୍ତ୍ୟକ୍ତ ଲୋକେ

ରାୟଗଡା ଅଫିସ, ୧୦।୧୦

ରାୟଗଡ଼ା ସହରର କପିଳାସ ରୋଡ଼ରେ ବେଆଇନ ଦୋକାନ ନିର୍ମାଣକୁ ବିରୋଧ କରି ଉତ୍ତେଜନା ଦେଖାଦେଇଛି। ପରେ ଉତ୍ତ୍ୟକ୍ତ ଲୋକେ ଉକ୍ତ ଦୋକାନ ଘରେ ତାଲା ପକାଇ ବନ୍ଦ କରି ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ ୩୫୨/୧୯) ରୁଜୁ କରି ତଦନ୍ତ ଚଳାଇଛି।

ରାୟଗଡା ସହରର କପିଳାସ ରୋଡର ଷ୍ଟାଇଲ ବଜାର ପାର୍ଶ୍ୱରେ ବେଆଇନ ଭାବେ ଏକ ଦୋକାନ ନିର୍ମାଣ କରାଯାଇଛି। ସରକାରୀ ଜାଗାରେ ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଦୋକାନ ବିନା ଟାଉନ୍ ପ୍ଲାନିଂରେ କରାଯାଇଛି। ଗୁରୁବାର ଏହି ଦୋକାନକୁ ଶୁଭାରମ୍ଭ ନେଇ ପ୍ରସ୍ତୁତି ଚାଲିଥିବା ବେଳେ କଂଗ୍ରେସର କେତେକ କର୍ମୀ ଓ ସାଧାରଣ ଲୋକେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ପରେ ଦୋକାନ ମାଲିକ ନୀଳ କଣ୍ଠେଶ୍ୱର ରାଓଙ୍କୁ ଦୋକାନର କାଗଜପତ୍ର ମାଗିଥିଲେ। ହେଲେ ସେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ଏହାକୁ ନେଇ ଉଭୟ ଦୋକାନୀ ଏବଂ ସାଧାରଣ କର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଖବରପାଇ କେତେକ ଗଣମାଧ୍ୟମ ଖବରଦାତା ସେଠାରେ ପହଞ୍ଚିଥିଲେ। ହେଲେ ଦୋକାନ ମାଲିକଙ୍କ ପୁଅ ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଥିସହ କଂଗ୍ରେସ ଜିଲା ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ପରେ ଦୋକାନୀ ମାଲିକଙ୍କ ପୁଅ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବା ସହ ଉକ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଜନ ସାଧାରଣ ଉକ୍ତ ଦୋକାନରେ ତାଲା ପକାଇ ବନ୍ଦ କରି ଦେଇଥିଲେ। ମାଲିକଙ୍କ ପୁଅ କ୍ଷମା ମାଗିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ସମ୍ପର୍କରେ କଂଗ୍ରେସ ଜିଲା ସଭାପତି ପଣ୍ଡା କହିଛନ୍ତି ଯେ, ସରକାରୀ ଜାଗାରେ ରହିଥିବା ନିରିହ ଲୋକଙ୍କୁ ଉଚ୍ଛେଦ କରାଯାଇ ଧନୀ ଲୋକମାନେ ସରକାରୀ ଅଫିସରଙ୍କୁ ଲାଞ୍ଚ ଦେଇ ବେଆଇନ ଭାବେ କୋଠା ନିର୍ମାଣ କରୁଛନ୍ତି। ଏହାର ତଦନ୍ତ କାରାଯାଇ ଉଚିତ୍ ପଦକ୍ଷେପ ନିଆଯାଉ ବୋଲି କହିଛନ୍ତି। ଅନ୍ୟପଟେ ଦୋକାନ ମାଲିକ ରାଓ କହିଛନ୍ତି ଯେ, ମୁଁ ବିଶାଖାପାଟଣାରେ ସବୁ ଜରୁରୀ କାଗଜପତ୍ର ଛାଡି ଆସିଛି। ମୋତେ ୨ ଦିନ ସମୟ ଦେଲେ ମୁଁ ସବୁ କାଗଜପତ୍ର ଦେଖେଇବି ବୋଲି କହିଛନ୍ତି। ଉକ୍ତ ଜମିରୁ ଉଚ୍ଛେଦ ହୋଇଥିବା ଭୂଷଣ ବିଡ଼ିକା ଦୋକାନ ମାଲିକଙ୍କ ପୁଅ ବିନୟ କୁମାର ନାମରେ ଥାନାରେ ଏତଲା ଦେଇଛନ୍ତି।



ଉତ୍ତ୍ୟକ୍ତ ଲୋକେ ଦୋକାନରେ ତାଲା ପକାଇ ଦେଇଛନ୍ତି।